## ମରାମତି ପାଇଁ ବନ୍ଦ ହେଲା ସିଟି ବସ୍ଷ୍ଟାଣ୍ଡ

# ହଳଦିଆପଦର ନ ଗଲେ କାର୍ଯ୍ୟାନୁଷ୍ଠାନ

ବ୍ରହ୍ମପୁର ଅଫିସ,୨୬।୧୧

ବ୍ରହ୍ମପୁର ସିଟି ବସ୍ଷ୍ଟାଣ୍ଡ ତଥା ନୂଆ ବସ୍ଷ୍ଟାଣ୍ଡ ମରାମତି ଓ ହଳଦିଆପଦର କାର୍ଯ୍ୟକ୍ଷମ କରିବା ନେଇ ପ୍ରଶାସନ ମଙ୍ଗଳବାରରୁ ସିଟି ବସ୍ଷ୍ଟାଣ୍ଡ ତଥା ନୂଆବସଷ୍ଟାଣ୍ଡ ମରାମତି କାମ ଆରମ୍ଭ କରିଛି । ଏହି ସମୟରେ ହଳଦିଆପଦରରୁ ସମସ୍ତ ବେସରକାରୀ ବସ୍ ଚଳାଚଳ କରିବା ନେଇ ବିଡିଏ ପକ୍ଷରୁ କରାଯାଇଥିବା ନୋଟିସକୁ ବିରୋଧ କରି ଜିଲା ବସ୍ ମାଲିକ ସଂଘ ବନ୍ଦ ଡାକରା ଦେଇଛି । ଫଳରେ ମଙ୍ଗଳବାର ବ୍ରହ୍ମପୁରରୁ ବିଭିନ୍ନ ରୁଟରେ ଚଳାଚଳ କରୁଥିବା ସମସ୍ତ ଘରୋଇ ବସ୍ ବନ୍ଦ ରହିଛି । ବସ୍ମାଲିକ ସଂଘ-ପ୍ରଶାସନର ଗଣ୍ଡଗୋଳରେ ଯାତ୍ରୀ ହନ୍ତସନ୍ତ ହୋଇଛନ୍ତି ।

ବ୍ରହ୍ମପୁରର ସିଟି ବସ୍ଷ୍ଟାଣ୍ଡ କାମ ଆରମ୍ଭ ହୋଇଛି । ୨ ମାସ ଚାଲିବାକୁ ଥିବା ଏହି କାମ ସମୟରେ ସମସ୍ତ ବସ୍ ହଳଦିଆପଦର ଷ୍ଟାଣ୍ଡରୁ ଯାତାୟାତ କରିବା ନେଇ ଗତ ୨୦ତାରିଖରେ ବିଡିଏ ପକ୍ଷରୁ ନୋଟିସ ଜାରି ହୋଇଥିଲା । ନୋଟିସ ପ୍ରକାରେ ସକାଳୁ ବିଡିଏ ଉପାଧ୍ୟକ୍ଷ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଉପସ୍ଥିତିରେ ବସ୍ଷ୍ଟାଣ୍ଡ ମୁଖ୍ୟରାସ୍ତା ଜେସିବି ଦ୍ୱାରା ଖୋଳାଯିବା ସହ ମରାମତି କାମ ଆରମ୍ଭ ହୋଇଛି । ପ୍ରଶାସନ ତଥା ବିଡିଏର ନୋଟିସକୁ ବିରୋଧ କରି ମଙ୍ଗଳବାର ଗଞ୍ଜାମ ଜିଲା ବସ୍ ମାଲିକ ସଂଘ ବନ୍ଦ ଡାକରା ଦେଇଛି । ଏହାର ପ୍ରଭାବରେ ପ୍ରାୟ ୪୫୦ ବସ ବନ୍ଦ ରହିଥିଲା । ସମସ୍ତ ବସ୍ ଷ୍ଟାଣ୍ଡ ଭିତରେ ଥିଲା । ରାସ୍ତା ଖୋଳା ଓ ମରାମତି କାର୍ଯ୍ୟ ଆରମ୍ଭ କରାଯିବାରୁ ମାଲିକମାନେ ବସ୍‌ଗୁଡିକୁ ଷ୍ଟାଣ୍ଡରୁ ନେଇଯାଇଥିଲେ । ସନ୍ଧ୍ୟା ସୁଦ୍ଧା ମାଲିକ ସଂଘ ବନ୍ଦକୁ ପ୍ରତିହାର ନ କଲେ ପ୍ରଶାସନ ପକ୍ଷରୁ କଠୋର ପଦକ୍ଷେପ ନିଆଯିବ ବୋଲି ଉପାଧ୍ୟକ୍ଷ ରାଠୋର କହିଛନ୍ତି । ମାଲିକମାନେ ରାସ୍ତା ପାର୍ଶ୍ୱରେ ବେଆଇନ ବସ୍ ପାର୍କିଂ କଲେ ଜରିମାନା ଦେବାକୁ ଟ୍ରାଫିକ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି । ଯାତ୍ରୀଙ୍କ ସୁବିଧା ପାଇଁ ବ୍ରହ୍ମପୁରରୁ ହିଞ୍ଜିଳିକାଟୁ ପର୍ଯ୍ୟନ୍ତ ଯାଉଥିବା ସିଟି ବସ୍‌କୁ ଆସ୍କା ପର୍ଯ୍ୟନ୍ତ ଚଳାଚଳ ସହ ଆବଶ୍ୟକ ପଡିଲେ ଫୁଲବାଣୀ, ପାରଳାଖେମୁଣ୍ଡି ରାସ୍ତାରେ ଅଧିକ ଓଏସ୍ଆରଟିସି ବସ୍ ଚଳାଚଳ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଡିଏ ଉପାଧ୍ୟକ୍ଷ ରାଠୋର କହିଛନ୍ତି ।



ବସ୍ଷ୍ଟାଣ୍ଡର ମୁଖ୍ୟରାସ୍ତାକୁ ଜେସିବି ଦ୍ୱାରା ଖୋଳାଯାଉଛି ।

- ମୁଖ୍ୟ ରାସ୍ତା ଖୋଳିଲା ପ୍ରଶାସନ
- ପ୍ରତିବାଦରେ ବସ୍ ମାଲିକ ସଂଘର ବନ୍ଦ ଡାକରା
- ଷ୍ଟାଣ୍ଡରୁ ଗଡିଲାନି ୪୫୦ ଘରୋଇ ବସ୍
- ରାସ୍ତା ପାର୍ଶ୍ୱରେ ବେଆଇନ ପାର୍କିଂ କଲେ ଜରିମାନା

### ଖବରଦାତା ସମ୍ମିଳନୀ
### ୨ ଦିନରେ ରାଜ୍ୟ ଘରୋଇ ବସ୍ ସଂଘ କରିବ ସମର୍ଥନ

ବ୍ରହ୍ମପୁର ସହରରେ ଗାଡି ପାର୍କିଂ, ରହଣି ପାଇଁ ସ୍ଥାନ ଦେବାକୁ ମାଲିକ ସଂଘ ମଙ୍ଗଳବାର ଏକ ହୋଟେଲରେ ଆୟୋଜିତ ଖବରଦାତା ସମିଳନୀରେ ଦାବି କରିଛି । ଆଗାମି ଦିନରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ମଧ୍ୟ ଏହାକୁ ସମର୍ଥନ ଜଣାଇବାକୁ ପ୍ରତିଶ୍ରୁତି ଦେଇଛି । ପ୍ରଶାସନ ଏ ଦିଗରେ ନିଷ୍ପତ୍ତି ଗ୍ରହଣ ନ କଲେ ଆଗାମୀ ୨ ଦିନ ମଧ୍ୟରେ ସାରା ରାଜ୍ୟର ଘରୋଇ ବସ୍ ବନ୍ଦକୁ ଓହ୍ଲାଇବ ବୋଲି ସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକ ସୂଚାଇଛନ୍ତି । ଖବରଦାତା ସମ୍ମିଳନୀରେ ମିନିବସ୍ ସଂଘର ସମୀର ମିଶ୍ର, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପତି, ଜୋନାଲ ସେକ୍ରେଟେରୀ ସନ୍ତୋଷ କୁମାର ପଲାଇଙ୍କ ସମେତ ବିଭନ୍ନ ଅଞ୍ଚଳର ବସ୍ ମାଲିକ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ବିଷାକ୍ତ ମଦ ଯୋଗାଇବା ଘଟଣା, ୪ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୬।୧୧

ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ (ଏଡିଜେ) -୩ ଏକ ଭୋଜିରେ ବିଷାକ୍ତ ମଦ ଯୋଗାଇବା ଘଟଣାର ବିଚାର କରିଥିଲେ । ପ୍ରମାଣ ଅଭାବରୁ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି । ସେମାନେ ହେଲେ ଆଙ୍କୁଲି ଶୁଣ୍ଢୀ ସାହିର ନାରାୟଣ ସାହୁ, ବିଶ୍ୱନାଥ ସାହୁ, ଟିଙ୍କିନା ସାହୁ ଓ ଆମ୍ବପୁଆର କାଳିଆ ଗୌଡ଼ । ଘଟଣାରୁ ପ୍ରକାଶ, ୨୦୧୩ ଫେବୃୟାରୀ ୨୩ରେ ପଲିଗୁମୁଳାର ସୁଦର୍ଶନ ମହାପାତ୍ରଙ୍କ ବିବାହ ଭୋଜି ହୋଇଥିଲା । ନାରାୟଣ ସାହୁଙ୍କ ସମେତ ୪ ଜଣଙ୍କୁ ମଦ ଆଣିବା ପାଇଁ ସୁଦର୍ଶନ କହିଥିଲେ । ସେମାନେ ମଦ ଆଣିବାକୁ ତାଙ୍କୁ ଦେଇଥିଲେ । ପରେ ଉକ୍ତ ମଦକୁ ସୁଦର୍ଶନ ତାଙ୍କର କେତେକ ସାଙ୍ଗଙ୍କୁ ପିଇବାକୁ ଦେଇଥିଲେ । ହେଲେ ଭୋଜିରେ ମଦ ପିଇ ଉକ୍ତ ଗ୍ରାମର ସମୀର ଜେନା ଅସୁସ୍ଥ ହୋଇ ପଡିଥିଲେ । ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ଗୋପାଳପୁର ପୋଲିସ ଏ ନେଇ ନଂ. ୨୦/୧୩ରେ ଏକ ମାମଲା ରୁଜୁ କରିଥିଲା । ବିଷାକ୍ତ ମଦ ଯୋଗାଇଥିବା ଅଭିଯୋଗରେ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ତତ୍କାଳୀନ ଏସ୍ଆଇ ରାଜେନ୍ଦ୍ର ନାୟକ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ । ମଙ୍ଗଳବାର ଏସ୍‌ଟି ୨୪/୧୮ ମାମଲାର ଶୁଣାଣି ବେଳେ ୨୧ ସାକ୍ଷୀଙ୍କ ବୟାନକୁ ଆଧାର କରି ଏଡିଜେ-୩ ୪ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି । ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ରାମକୁମାର, ବୀରେନ ପଟ୍ଟନାୟକ, ପ୍ରଭାକର ସାବତ ଓ ଅନୁଜ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ ।

## ସିଟିଜେନ ଫୋରମ୍‌ର ସ୍ମାରକପତ୍ର ପ୍ରଦାନ

ବ୍ରହ୍ମପୁର ଅଫିସ,୨୬।୧୧

ଗଞ୍ଜାମ ଜିଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ ଫୋରମ ପକ୍ଷରୁ ବ୍ରହ୍ମପୁର ରେଲଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ୧୧ ଦଫା ଦାବି ନେଇ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ସ୍ମାରକପତ୍ର ପ୍ରଦାନ କରାଯାଇଛି । ଶିଳ୍ପାଞ୍ଚଳରେ ପାସେଞ୍ଜର ହଲଟ, ଷ୍ଟେଶନ ଆଧୁନିକୀକରଣ, ପୁରୀକୁ ପାସେଞ୍ଜର ଟ୍ରେନ ଚଳାଚଳ, ୪ନଂ. ପ୍ଲାଟଫର୍ମ ପାଖରେ ପାର୍କିଂ ଜୋନ କରାଯିବା, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଣ୍ଟର ଖୋଲାଯିବା ଏବଂ ଟ୍ରେନଗୁଡ଼ିକରେ ସ୍ୱତନ୍ତ୍ର ବଗି ବ୍ୟବସ୍ଥା ଓ ସୁଲଭ ମୂଲ୍ୟରେ ଟ୍ରେନରେ ଖାଦ୍ୟ ପରିବେଷଣ ଆଦି ସ୍ମାରକପତ୍ରରେ ଦର୍ଶାଯାଇଛି । ସ୍ମାରକପତ୍ର ନକଲ ବ୍ରହ୍ମପୁର ଏମ୍‌ପି ଓ ବିଧାୟକ ଏବଂ ଖୋର୍ଦ୍ଧା ରୋଡ ଡିଆରଏମ୍‌ଙ୍କୁ ପ୍ରଦାନ କରାଯାଇଛି । ରାସ ବିହାରୀ ଦାସ ଓ ସୀମାଞ୍ଚଳ ପ୍ରସାଦ ବିଷୋୟୀଙ୍କ ସମେତ ବହୁ ସଦସ୍ୟ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ରେଳଧାରଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୬।୧୧

ସରକାରୀ ରେଲୱେ ପୋଲିସ (ଜିଆରପି) ମଙ୍ଗଳବାର ଗୋଳନ୍ଥରା ରେଳଷ୍ଟେଶନ ନିକଟ ଧାରଣରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରିଛି । ତାଙ୍କ ପରିଚୟ ମିଳି ନ ଥିବା ବେଳେ ବୟସ ଆନୁମାନିକ ୨୯ ହେବ ବୋଲି ଜିଆରପି ଥାନାଧିକାରୀ ସୁକାନ୍ତ ଭୋଇ ସୂଚନା ଦେଇଛନ୍ତି । ଅନ୍ୟପଟେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରିବା ସହ ପଞ୍ଚନାମା କରିଥିବା କହିଛି । ନଂ.୬୦/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରାଥମିକ ଅନୁସନ୍ଧାନରୁ ମହିଳା ଜଣକ ରେଳ ଧାରଣାରେ ଶୋଇ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି ।


















ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ନଭେମ୍ବର ୨୭/୨୦୧୯ Berhampur, Wednesday, November 27/2019

## ସଂକ୍ଷେପରେ

### ପୂର୍ବତନ ବିଧାୟକଙ୍କୁ ଧମକ ଅଭିଯୋଗ

ଫୁଲବାଣୀ ଅଫିସ, ୨୬।୧୧

ଫୁଲବାଣୀର ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁରଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଧମକ ଦେଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରଛି। ମଙ୍ଗଳବାର ପୂର୍ବାହ୍ନରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଏକ ଚା ଦୋକାନ ପାଖରେ ବସିଥିଲେ। ଏହି ସମୟରେ ଏକ ବାଇକ୍‌ରେ ୨ ଯୁବକ ଆସି ଗାଳିଗୁଲଜ କରିବା ସହ ପାର୍ଥସାରଥି ବିଶ୍ୱାଳ ନାମକ ଜଣେ ବ୍ୟକ୍ତିଙ୍କୁ ଖୋଜିଥିଲେ। ନ ପାଇବାରୁ ସେମାନେ ପାର୍ଥଙ୍କୁ କେଉଁଠି ଲୁଚାଇ ରଖିଛୁ ବୋଲି ଦେବେନ୍ଦ୍ରଙ୍କୁ କହି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏଥିସହ ଜୀବନରେ ମାରିଦେବା ପାଇଁ ଧମକ ଦେଇ ପଳାଇଥିଲେ । ଏ ନେଇ ଦେବେନ୍ଦ୍ରଙ୍କ ସହ ପାର୍ଥ ମଧ ଆଉ ଏକ ଅଭିଯୋଗ କରିଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନ ଥିଲା।

### ଦୁର୍ଘଟଣାରେ ଜଣେ ମୃତ

ଫିରିଙ୍ଗିଆ, ୨୬।୧୧- ଫିରିଙ୍ଗିଆ ଥାନା ଫିରିଙ୍ଗିଆ ପଞ୍ଚାୟତ କାଳିଆସାହି ଛକ ନିକଟରେ ମଙ୍ଗଳବାର ଦୁଇ ବାଇକ୍ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଫୁଲବାଣୀର ନିରଞ୍ଜନ ସ୍ୱାଇଁ । ସେ ସ୍ଥାନୀୟ କୋର୍ଟରେ ଆଇନଜୀବୀ ଭାବେ କାମ କରୁଥିଲେ । ନିରଞ୍ଜନ କୌଣସି କାମରେ ବାଇକ ଯୋଗେ ଫୁଲବାଣୀରୁ ଫିରିଙ୍ଗିଆ ଯାଇଥିବାବେଳେ କାଳିଆ ସାହି ଛକ ବୁଲାଣିରେ ଅନ୍ୟଏକ ବାଇକ ସହ ଧକ୍କା ହୋଇଥିଲା । ଗୁରୁତର ନିରଞ୍ଜନ ଓ ଅନ୍ୟ ୨ଜଣଙ୍କୁ ଫୁଲବାଣୀ ମେଡିକାଲ ଅଣାଯାଇଥିଲା । ସେଠାରେ ନିରଞ୍ଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।

### ଅଙ୍ଗନୱାଡି କର୍ମୀ ସଂଘର ସ୍ମାରକପତ୍ର ପ୍ରଦାନ

ପୁରୁଷୋତ୍ତମପୁର,୨୬।୧୧(ଡି.ଏନ.ଏ.)- ପୁରୁଷୋତ୍ତମପୁର ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସିଡିପିଓ ସବିତା ଚ୍ୟାଉପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ସଂଘ ସଭାନେତ୍ରୀ ମମତାଜ ଖୁଣ୍ଟିଆ, ଉପ ସଭାନେତ୍ରୀ ସୁମିତ୍ରା ଡାକୁଆ, ସମ୍ପାଦିକା ଏସ.ଦମୟନ୍ତୀ ଦୋରାଙ୍କ ସମେତ ବହୁ ଅଙ୍ଗନୱାଡି କର୍ମୀ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# କର୍ଣ୍ଣାଟକରେ ଗଞ୍ଜାମ ଶ୍ରମିକ ନିର୍ଯାତିତ

## ହସ୍ତକ୍ଷେପ ଲାଗି ଜିଲାପାଳଙ୍କୁ ସ୍ମାରକପତ୍ର

ଦିଗପହଣ୍ଡି,୨୬।୧୧(ଡି.ଏନ.ଏ.)



ନିର୍ଯାତିତ ଶ୍ରମିକ।

କର୍ଣ୍ଣାଟକର ଏକ କମ୍ପାନୀରେ ଗଞ୍ଜାମ ଜିଲାର ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ସେମାନଙ୍କୁ ସୋମବାରଠାରୁ ଖାଇବାକୁ ନ ଦେଇ ରହିଥିବା ଘର ତୁରନ୍ତ ଛାଡ଼ିବାକୁ କମ୍ପାନୀ କର୍ତ୍ତୃପକ୍ଷ ଚେତାବନୀ ଦେଇଛନ୍ତି। ଗଞ୍ଜାମ ଜିଲାପାଳ, ଜିଲା ଶ୍ରମ ଅଧିକାରୀ ଏଥିରେ ହସ୍ତକ୍ଷେପ କରିବାକୁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କର୍ଣ୍ଣାଟକର ୱାଡି ସହର ନିକଟରେ ଥିବା ଏକ ଘରୋଇ କମ୍ପାନୀରେ କାମ କରିବାକୁ ଦିଗପହଣ୍ଡି, ସାନଖେମୁଣ୍ଡି ଓ କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ବିଭିନ୍ନ ଗାଁର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ଗତ ସେପ୍ଟେମ୍ବର ୨ ତାରିଖରେ ଯାଇଥିଲେ। କମ୍ପାନୀର ମ୍ୟାନେଜର ଶ୍ରମିକଙ୍କୁ ଦୈନିକ ୪ ଶହ ଟଙ୍କା ସହ ଖାଇବା, ରହିବା ଓ ପାନୀୟଜଳ ଯୋଗାଇଦେବା ପାଇଁ ଚୁକ୍ତି କରିଥିଲେ। ହେଲେ ଗତ ଅକ୍ଟୋବରରୁ ସେମାନଙ୍କୁ ମଜୁରି ମିଳିନାହିଁ ବୋଲି ଶ୍ରମିକ ମାନେ କହିଛନ୍ତି। ସୋମବାରରୁ କାମ ବନ୍ଦ ଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ଖାଇବାକୁ ଦେଇ ନ ଥିବା ନିଲାଞ୍ଚଳ ସ୍ୱାଇଁ, ସୁଦାମ ସେଠୀ, ରିଙ୍କୁ ସ୍ୱାଇଁ, ଟୁଲୁ ବରାଡ, ରାଜା ବରାଡ଼, ଇ.ତୋଫାନ, ଟୁନା ପରିଡ଼ା, ଅଭି ନାହାକ, ନିରଞ୍ଜନ ବେହେରା, ମୋହନ ପଲେଇ, କଂଗ୍ରେସ ଜେନା, ରବି ଗମାଙ୍ଗ, ଜିତୁ ଭୋଳ, ସନ୍ତୋଷ ସେଠୀ ପ୍ରମୁଖ କହିଛନ୍ତି। ଏଥିସହ ବକେୟା ମଜୁରି ଟଙ୍କା ଦିଆଯିବ ନାହିଁ ବୋଲି ମ୍ୟାନେଜର ଓ କ୍ୟାସିୟର କହିଛନ୍ତି। ମଙ୍ଗଳବାର ବକେୟା ମଜୁରୀ ପ୍ରଦାନ ଦାବିରେ ଶ୍ରମିକମାନେ କମ୍ପାନୀ ସମ୍ମୁଖରେ ଧାରଣାରେ ବସିଥିଲେ । କମ୍ପାନୀର ପଦସ୍ଥ କର୍ମଚାରୀମାନେ ପହଞ୍ଚି ଶୀଘ୍ର ମଜୁରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ ଉତ୍ତେଜନା ଲାଗି ରହିଛି । କମ୍ପାନୀର କିଛି ଗୁଣ୍ଡା ଶ୍ରମିକଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଶ୍ରମିକଙ୍କ ପାଖରେ ପଇସା ନ ଥିବାରୁ ସେଠାରୁ ଆସିପାରୁନାହାନ୍ତି। ବେଙ୍ଗାଲୁରସ୍ଥିତ କମ୍ପାନୀର ମୁଖ୍ୟ ଶାଖା କର୍ତ୍ତୃପକ୍ଷ ଶ୍ରମିକଙ୍କୁ ମଜୁରି ପ୍ରଦାନ କରୁ ନ ଥିବାରୁ ଏଭଳି ହେଉଥିବା ସ୍ଥାନୀୟ କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକଙ୍କୁ କହୁଛନ୍ତି। ଜିଲା ପ୍ରଶାସନ ଓ ଶ୍ରମ କାର୍ଯ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନେବାକୁ ଶ୍ରମିକଙ୍କ ପରିବାର ଲୋକେ ଦାବି କରିଛନ୍ତି।

## ଅଗ୍ନିକାଣ୍ଡରେ ୮ ବଖରା ଜଳିଗଲା

ଦିଗପହଣ୍ଡି,୨୬।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ବୁରିପଦର ଗାଁରେ ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ ଟାରେ ଅଗ୍ନିକାଣ୍ଡ ଘଟି ୮ ପରିବାରଙ୍କ ୮ ବଖରା ଜଳିଯାଇଛି। କ୍ଷତିଗ୍ରସ୍ତମାନେ ହେଲେ ଭଗତ ଗୌଡ, ବାବୁଲି ଗୌଡ, ପୂର୍ଣ୍ଣ ଗୌଡ, ଲକ୍ଷ୍ମୀକାନ୍ତ ଗୌଡ, ଚେରୁ ଗୌଡ, ନରହରି ଗୌଡ, ଅର୍ଜୁନ ଗୌଡ ଓ ଅଶୋକ ଗୌଡ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଖାଦ୍ୟ ସାମଗ୍ରୀ, ଘରକରଣା ଭସ୍ମୀଭୂତ ହୋଇଛି। ଦିଗପହଣ୍ଡି ଅଗ୍ନିଶମ ଅଧିକାରୀ ବିଜୟ କୁମାର ନାୟକ ଦମକଳ ବାହିନୀ ସହ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଳିଆ ଗଦାରୁ ନିଆଁ ବ୍ୟାପିଥିବା ଅଗ୍ନିଶମ ଅଧିକାରୀ କହିଛନ୍ତି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ କୈଠଖଣ୍ଡି ସର୍କଲର ରାଜସ୍ୱ ନିରୀକ୍ଷକ ଗୀତା ମଲ୍ଲିକ ଘରପୋଡ଼ି ସମ୍ପର୍କରେ ସବିଶେଷ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ ବିପନ୍ନମାନଙ୍କୁ ତହସିଲ ପକ୍ଷରୁ ଜରି ପାଲ ପ୍ରଦାନ କରାଯାଇଛି।

## ବଜାରରୁ ସିରିଜ୍ ଚୋରି

# ବାଳସୁଧାର ଗୃହ ଗଲେ ୩ ଅନ୍ତେବାସୀ ନାବାଳକ

ଶଙ୍କରାଖୋଲ,୨୬।୧୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ଚକାପାଦ ବ୍ଲକ କୁସୁମେଣ୍ଡି ପଞ୍ଚାୟତ ମଲିକ ଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଥିବା ଏସ୍‌ସି ଏସ୍‌ଟି ଛାତ୍ରାବାସର ୩ ନାବାଳକଙ୍କୁ ପୋଲିସ ରବିବାର ରାତିରେ ନିକଟସ୍ଥ ବଜାରରେ ଚୋରି କରିବାବେଳେ ଧରିଥିଲା। ମଙ୍ଗଳବାର ଫୁଲବାଣୀ ପ୍ରଥମଶ୍ରେଣୀ ବିଚାରପତିଙ୍କ ନିକଟରେ ହାଜର ପରେ ସେମାନଙ୍କୁ ବାଳସୁଧାର ଗୃହକୁ ପଠାଇଦିଆଯାଇଛି। ଏନେଇ ଟିକାବାଲି ଥାନାରେ ନଂ.୧୧୩/୧୯ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରେବତୀ ଶବର କହିଛନ୍ତି।

ପ୍ରକାଶ ଯେ, ଲାଇନପଡା ଗ୍ରାମ ପାଖ ବଜାରରୁ ୨ମାସ ହେଲା ବିଭିନ୍ନ ଦୋକାନରୁ ଚୋରି ହେଉଥିଲା । ଏନେଇ ବଣିକସଂଘ ପକ୍ଷରୁ ଲାଇନପଡା ଫାଣ୍ଡିରେ ଏତଲା ହୋଇଥିଲା । ୨୨ତାରିଖ ରାତିରେ ବଜାରର ଏକ ସେଲୁନ୍ ଓ ଟେଲର ଦୋକାନରୁ ଚୋରି ହୋଇଥିଲା। ଏହାପରେ ସେଠାରେ ହୋମ୍‌ଗାର୍ଡ ମୁତୟନ ହୋଇଥିଲେ। ରବିବାର ରାତିରେ ଉକ୍ତ ୩ ନାବାଳକ ବ୍ରଜେନ୍ଦ୍ରଙ୍କ ଭେରାଇଟ ଷ୍ଟୋରରେ ପଶିଥିବାବେଳେ ଡ୍ୟୁଟିରେ ଥିବା ହୋମ୍‌ଗାର୍ଡ ଧରିଥିଲେ। ଫାଣ୍ଡି ଏସ୍‌ଆଇ ମହାଜନ ପ୍ରଧାନ ପହଞ୍ଚି ସମସ୍ତଙ୍କୁ ଥାନାକୁ ନେଇଥିଲେ। ସେମାନେ ଚୋରି ସାମଗ୍ରୀ ହଷ୍ଟେଲରେ ରଖିଥିବା ସ୍ୱୀକାର କରିଥିଲେ। ଏହାପରେ ବିଦ୍ୟାଳୟ ଛାତ୍ରାବାସରୁ ହୋମ୍ ଥିଏଟର, ବିଭିନ୍ନ ଚୋରି ସାମଗ୍ରୀ ସହ ୫୬୦ଟଙ୍କା ପୋଲିସ ଜବତ କରିଥିଲା। ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ରହୁ ନ ଥିବାବେଳେ ଗେଟ୍‌ରେ ତାଲା ପଡୁ ନ ଥିବାରୁ ଏପରି ଘଟଣା ଘଟିଥିବା ଅଞ୍ଚଳବାସୀ ଓ ବଜାରର ବ୍ୟବସାୟୀମାନେ କହିଛନ୍ତି। ପ୍ରଧାନ ଶିକ୍ଷକ ଗୌରବନ ପ୍ରଧାନଙ୍କୁ ପଚାରିବାରୁ ସେ ବିଦ୍ୟାଳୟରେ ରହୁଛନ୍ତି ଓ ଗେଟ୍‌ରେ ତାଲା ମଧ ପଡୁଛି। ଛାତ୍ରମାନେ କିପରି ଚୋରିକରି ଆଣିଲେ ସେ ସମ୍ପର୍କରେ କିଛି ଜାଣିନାହାନ୍ତି ବୋଲି କହିଥିଲେ।

# ପୋଖରୀରୁ କୁମ୍ଭୀର ଉଦ୍ଧାର



ଉଦ୍ଧାର ହୋଇଥିବା କୁମ୍ଭୀର

ଦିଗପହଣ୍ଡି,୨୬।୧୧(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଖମାରୀଗାଁ ପଞ୍ଚାୟତ ଗଡ ସାମନ୍ତରାପୁର ଗ୍ରାମର ବାଲିବନ୍ଧ ପୋଖରୀରୁ ମଙ୍ଗଳବାର ଅପରାହ୍ନରେ ଏକ ଗୋ ମୁହାଁ କୁମ୍ଭୀର ଉଦ୍ଧାର କରାଯାଇଛି। ପୋଖରୀରୁ ଧୀବରମାନେ ମାଛ ଧରୁଥିବାବେଳେ କୁମ୍ଭୀରଟି ଜାଲରେ ପଡିଥିଲା। ଘୋଡ଼ାହାଡ଼ ବନ ଉପାଞ୍ଚଳ ବନରକ୍ଷୀ ମୁରଲୀଧର ନାୟକ, ପାରା ବନକର୍ମଚାରୀ ନିରଞ୍ଜନ ପ୍ରଧାନ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କୁମ୍ଭୀରଟିକୁ ଉଦ୍ଧାର କରିଥିଲେ। ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ଖଡଗରାୟଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ଘୋଡ଼ାହାଡ଼ ଡ୍ୟାମରେ ଛାଡି ଦିଆଯାଇଛି। କୁମ୍ଭୀରଟିର ବୟସ ପ୍ରାୟ ୨ ବର୍ଷ ଓ ଲମ୍ବା ୩ ଫୁଟ ହେବ। ଘୋଡ଼ାହାଡ଼ ଡ୍ୟାମରେ ବହୁ ସଂଖ୍ୟକ କୁମ୍ଭୀର ଅଛନ୍ତି। ଡ୍ୟାମରୁ ପାଣି ଛଡ଼ାଯିବାବେଳେ କେନାଲ ପାଣିରେ ଯାଇ ନିକଟସ୍ଥ ଗାଁରେ ଥିବା ପୋଖରୀକୁ ଚାଲିଯାଉଥିବା ବନାଞ୍ଚଳ ଅଧିକାରୀ କହିଛନ୍ତି।

## ଚାଷୀ ବୈଠକରେ ନିଷ୍ପତ୍ତି

# ଟୋକନ ବ୍ୟବସ୍ଥା ଉଚ୍ଛେଦ ନ ହେଲେ ଧାନବିକ୍ରି ବନ୍ଦ

ବେଗୁନିଆପଡ଼ା,୨୬।୧୧(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ସେବା ସମବାୟ ସମିତିରେ ମଙ୍ଗଳବାର ଧାନକ୍ରୟ ନିମନ୍ତେ ଏକ ଚାଷୀ ସଚେତନ ବୈଠକ ସମିତି ସଭାପତି ରବିନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବୁଲା ଡାକୁଆ ଯୋଗଦେଇ ଚଳିତବର୍ଷ ଧାନକ୍ରୟ ସମ୍ପର୍କରେ ସରକାରଙ୍କ ନିୟମାବଳୀ ବିଷୟରେ ଆଲୋଚନା କରିଥିଲେ। ନୂତନ ଟୋକନ ବ୍ୟବସ୍ଥା ସମ୍ପର୍କରେ ଜାଣିବା ପରେ ଚାଷୀମାନେ ବିଭିନ୍ନ ଅଭିଯୋଗ କରିଥିଲେ। ଏହି ବ୍ୟବସ୍ଥା ପ୍ରତ୍ୟାହାର ନକଲେ ଧାନ ବିକ୍ରି କରିବୁ ନାହିଁ ବୋଲି ସମୂହ ଚାଷୀ ଦାବି କରିଥିଲେ। ଏଥିରେ ଜିଲା ଚାଷୀ କମିଟି ଉପସଭାପତି ରଙ୍ଗନାଥ ସ୍ୱାଇଁ, ସେବା ସମବାୟ ସମିତିର ଚାଷୀ ସଦସ୍ୟ ମୁକୁନ୍ଦ ମାଧବ ସ୍ୱାଇଁ, ଦେବରାଜ ଭୂୟାଁ, କୃଷ୍ଣ ଚନ୍ଦ୍ର ମହାନ୍ତିଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।







## ଫାଣ୍ଡି ଅଧିକାରୀଙ୍କ ନିଲମ୍ବନ ପ୍ରତ୍ୟାହାର ଦାବି

କୁକୁଡାଖଣ୍ଡି,୨୬।୧୧(ଡି.ଏନ.ଏ.)

କାର୍ଯ୍ୟରେ ଅବହେଳାରୁ ବ୍ରହ୍ମପୁର ପୋଲିସ ଜିଲା ସଦର ଥାନା ନିମଖଣ୍ଡି ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଶତପଥୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସୋମବାର ନିଲମ୍ବନ କରାଯାଇଥିଲା। ତାଙ୍କ ନିଲମ୍ବନକୁ ପ୍ରତ୍ୟାହାର କରିବା ପାଇଁ ମଙ୍ଗଳବାର ସ୍ଥାନୀୟ ଲୋକେ ଡିଆଇଜି ସତ୍ୟବ୍ରତ ଭୋଇ ଓ ଏସ୍‌ପି ପିନାକି ମିଶ୍ରଙ୍କୁ ଭେଟି ଅନୁରୋଧ କରିଛନ୍ତି। ନିମଖଣ୍ଡି ଫାଣ୍ଡି ଅନ୍ତର୍ଗତ ୬ ଗ୍ରାମର ୫୦ ବ୍ୟକ୍ତି, ଜଗଦଳପୁର, ଖାଡାଙ୍କୁଲି ସରପଞ୍ଚ ଓ ଡିଆଇଜିଙ୍କୁ ସାକ୍ଷାତ କରି ଏଏସ୍‌ଆଇଙ୍କ ସପକ୍ଷରେ ଯୁକ୍ତି ବାଢିଥିଲେ। ଏଏସ୍‌ଆଇ ଫାଣ୍ଡି ଦାୟିତ୍ୱ ନେବା ପରେ ଚୋରି, ଡକାୟତି କମିଛି । ତେଣୁ ତୁରନ୍ତ ଘଟଣାର ଠିକ ତଦନ୍ତ କରି ନିଲମ୍ବନ ଆଦେଶ ପ୍ରତ୍ୟାହାର କରିବାକୁ ସ୍ଥାନୀୟ ବାସୀ ନିବେଦନ କରିଥିଲେ।

## ପିଡିଙ୍କ ସମୀକ୍ଷା ବୈଠକ

ପୋଲସରା,୨୬।୧୧

ପୋଲସରା ପଞ୍ଚାୟତ ସମିତିଠାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ସାମାଜିକ ସହାୟତା ବ୍ଲକ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୧୮-୧୯ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ଏହି ବୈଠକରେ ଏଇ ଗୋପାଳକୃଷ୍ଣ ଗୌଡ଼, ବ୍ଲକ ଅଧକ୍ଷ ବଳରାମ ସେଠୀ ଓ ବ୍ଲକର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ମଧ ଆଲୋଚନାରେ ଭାଗ ନେଇଥିଲେ।

## ନଷ୍ଟ କରାଗଲା ୧୫୦ ଏକର ଜମିର ଗଞ୍ଜେଇ ଗଛ

ଫୁଲବାଣୀ ଅଫିସ, ୨୬।୧୧

ସଦର ଥାନା ପକ୍ଷରୁ ଗଞ୍ଜେଇ ଗଛକଟା ଅଭିଯାନ ଜାରି ରହିଛି । ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନାଧିକାରୀ ଆଦିତ୍ୟ କୁମାର ସେଠୀଙ୍କ ନେତୃତ୍ୱରେ ଫୁଲବାଣୀ ବ୍ଲକ ବିଲାବାଡ଼ି ପଞ୍ଚାୟତ ପାକଦେଇ ଏବଂ ଦଡ଼ଗଣ୍ଡା ଗ୍ରାମାଞ୍ଚଳରେ ୧୫୦ ଏକର ପରିମିତ ଜମିର ଗଞ୍ଜେଇ ଗଛକୁ କାଟି ନଷ୍ଟ କରାଯାଇଛି । ଗଛ କାଟିବାରେ ୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ସାମିଲ ଥିଲେ। ସୁରକ୍ଷା ଦୃଷ୍ଟିରୁ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଏ ନେଇ ଥାନାରେ ନଂ.୧୦୦/୧୯ରେ ମାମଲା ରୁଜୁ ହୋଇଛି । ସୂଚନାଯୋଗ୍ୟ, ସଦର ପୋଲିସ ପକ୍ଷରୁ ଗତ ଏକ ସପ୍ତାହ ମଧ୍ୟରେ ୮୭୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଗଞ୍ଜେଇ ଗଛ ନଷ୍ଟ କରାଗଲାଣି ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ